# ସହର ଜନସମୁଦ୍ର, ପୋଲିସ ନାକେଦମ୍



ଢେଙ୍କାନାଳ ଲକ୍ଷ୍ମୀପୂଜାରେ ସହର ଯେପରି ଜନ ସମୁଦ୍ର ପାଲଟିଯାଇଛି।

## ଜମୁଛି ଢେଙ୍କାନାଳ ଲକ୍ଷ୍ମୀପୂଜା

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ବେଶ୍ ଜମୁଛି। ରବିବାର ପୂଜା ଦେଖିବାକୁ ସହରରେ ପ୍ରବଳ ଜନସମାଗମ ହୋଇଥିଲା। ସନ୍ଧ୍ୟା ୬ଟାରୁ ସମଗ୍ର ସହର ଏକପ୍ରକାର ଜନ ସମୁଦ୍ରରେ ପରିଣତ ହୋଇଯାଇଥିଲା। ରବିବାର ଛୁଟି ଦିନ ଥିବାରୁ ଏପରି ଅଧିକ ଭିଡ଼ ହୋଇଥିବା ଦେଖାଯାଇଥିଲା। ବିଶେଷକରି କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଆଠଗଡ, ଅନୁଗୋଳ, ତାଳଚେର ଓ ଯାଜପୁର ସମେତ ଢେଙ୍କାନାଳ ଜିଲାର ବିଭିନ୍ନ ଅଞ୍ଚଳରୁ ଅଧିକ ସଂଖ୍ୟାରେ ଲୋକେ ସହରରେ ଭିଡ଼ ଜମାଇଥିଲେ। ଫଳରେ ଭିଡ଼ ନିୟନ୍ତ୍ରଣ କରିବା ନେଇ ପୋଲିସ ନାକେଦମ ହୋଇପଡ଼ିଥିଲା। ଅଧିକାଂଶ ଜାଗାରେ ଟ୍ରାଫିକ ଜାମ ଯୋଗୁ ବହୁ ଯାନବାହାନ ଅଟକି ରହିଥିଲା। ଭିଡ଼ ମଧ୍ୟରେ ଅନେକ ବିଦେଶୀ ପର୍ଯ୍ୟଟକ ମଧ୍ୟ ପୂଜା ବୁଲୁଥିବାର ଦେଖାଯାଇଥିଲା। ପ୍ରାୟ ୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ଜଣାପଡିଛି। କଲେଜ ବାଇପାସଠାରୁ ସହର ମଧ୍ୟକୁ ଗାଡି ଚଳାଚଳ ବନ୍ଦ କରାଯାଇଥିଲା। ଚଳିତବର୍ଷ ଲକ୍ଷ୍ମୀ ପୂଜାରେ ରବିବାର ସର୍ବାଧିକ ଭିଡ଼ ହୋଇଥିବା ସୂଚନା ମିଳିଛି। ସେହିପରି ଗୁଡିଆନାଳୀ, ରଥଗଡ଼ା ଓ ପଲ୍ଲିଶ୍ରୀ ମେଳା ପଡିଆ ନିକଟରେ ବିଭିନ୍ନ ପ୍ରକାର ଦୋଳି ପଡିଥିବାରୁ ଏହିସବୁ ସ୍ଥାନରେ ଅଧିକ ସଂଖ୍ୟାରେ ଭିଡ ଦେଖାଦେଇଥିଲା। କଲେଜ ଛକଠାରୁ ଗୁଡିଆନାଳୀ, ବସ୍‌ଷ୍ଟାଣ୍ଡ, ଦୁର୍ଗାବଜାର, କୈବଲ୍ୟ ବଜାର ଓ ଗଣେଶ ବଜାର ଦେଇ ବାଜିଚୌକ ପର୍ଯ୍ୟନ୍ତ ସହରର ପ୍ରମୁଖ ରାସ୍ତାରେ ପାଦ ପକାଇବାକୁ ମଧ୍ୟ ଜାଗା ନ ଥିଲା। ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ରବିବାର ପୂଜାରେ ସର୍ବାଧିକ ଭିଡ଼ ହୋଇଥିଲା। ଏହାକୁ ନଜରରେ ରଖି କଲେଜ ବାଇପାସଠାରେ ଏକଘଣ୍ଟା ପାଇଁ ସହର ମଧ୍ୟକୁ ଯାନବାହାନ ଚଳାଚଳ ବନ୍ଦ କରାଯାଇଥିଲା। ଦେଉଳସାହିଠାରେ ୱାନ ୱେ ଟ୍ରାଫିକ କରାଯାଇଛି।

# ଓଡ଼ିଶାର କଳାକୁ ବିଶ୍ୱ ଦରବାରରେ ପହଞ୍ଚାଅ

## ଜିଲାସ୍ତରୀୟ କଳା ଉତ୍ସବ

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳ ସପ୍ତଶଯ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ କଳା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଉତ୍ସବକୁ ଉଦ୍‌ଘାଟନ କରିବା ସହ କହିଲେ ଯେ, ଓଡ଼ିଶା କଳାର ରାଜ୍ୟ। ଓଡ଼ିଶାର କଳାକୁ ଛାତ୍ରୀଛାତ୍ରମାନେ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରନ୍ତୁ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗଦେଇ ପୋଥିଗତ ବିଦ୍ୟାକୁ ବାଦଦେଇ ଯୁଗୋପଯୋଗୀ କଳାରେ ଜ୍ଞାନ ଆହରଣ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନସିମ ଆରା ବେଗମ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳ ପ୍ରତିଯୋଗୀମାନେ ଆସନ୍ତା ୧୦ ତାରିଖରେ କଟକ ଖାନନଗର ହାଇସ୍କୁଲ ଠାରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ କଳା ଉତ୍ସବରେ ଯୋଗଦେବେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର ମନୋହର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜନଜାତି ସଂଯୋଜକ ସୁବାଶିଷ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।




# ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ



## ଯାଦବ ମହାସଭା ସାଙ୍ଗଠନିକ ବୈଠକ

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଯାଦବ ମହାସଭାର ସାଙ୍ଗଠନିକ ବୈଠକ ମହାସଭା ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ସହରସ୍ଥିତ ଜୁବୁଲି ଟାଉନସ୍ଥିତ ଯଦୁପତି ବିହାର ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାରେ ଥିବା ସମସ୍ତ ଯାଦବ କର୍ମକର୍ତ୍ତା ଏକତ୍ରିତ ହୋଇ ଗ୍ରାମାଞ୍ଚଳରେ ଥିବା ଯାଦବମାନଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ବିକାଶ ନିମନ୍ତେ ଆଲୋଚନା କରିଥିଲେ। ଏଥିସହିତ ଯାଦବ ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ କରିବା ପାଇଁ ଯୁବକମାନଙ୍କୁ ନେଇ ପଞ୍ଚାୟତସ୍ତରରୁ ଏକ କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ମହାସଭା ସଭାପତି ଏହାକୁ ପାଳନ କରିବା ପାଇଁ ପରାମର୍ଶ ଦେବା ସହିତ ଆଗାମୀ ଦିନରେ ଯୁବକମାନଙ୍କ ଯାଦବ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଜିଲାରେ ଥିବା ସମସ୍ତ ଯାଦବ ଯୁବକଙ୍କୁ ସଙ୍ଗଠନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଯାଦବ ମହାସଭାର ଅନ୍ୟତମ ସଦସ୍ୟ ଦେବୀପ୍ରସାଦ ଭୂତିଆ, ଶିଶିର କାନ୍ତ ବେହେରା, ସଚିନ ଦାସ, ହିମାଂଶୁ ବେହେରା, ସାଧୁଚରଣ ଭୋଇ, ଜଗନ୍ନାଥ ବେହେରା, ବିଭୂତି ଭୂଷଣ ବେହେରା, ରବିନାରାୟଣ ପରିଡ଼ା, ରାମଚନ୍ଦ୍ର ବେହେରା, ଅକ୍ଷୟ କୁମାର ଭୋଇ, ଗଙ୍ଗାଧର ରାଉତ, ନରେନ୍ଦ୍ର ବେହେରା, କାଳନ୍ଦୀ ଚରଣ ବେହେରା, ମଦନ ରାଉତ, ଶ୍ରୀକାନ୍ତ ରାଉତ, ମଙ୍ଗୁଳ ଦାସ, ଗୋଲେଖ ଖିଲାର, ବ୍ରହ୍ମାନନ୍ଦ ବେହେରା, ମାଧବାନନ୍ଦ ବାରିକ, ନରହରି ଦାସ ପ୍ରମୁଖ ସାଙ୍ଗଠନକୁ ସୁଦୃଢ କରିବା ପାଇଁ ବିଭିନ୍ନ ମତାମତ ପ୍ରଦାନ କରିଥିଲେ। ଏକତା ବଜାୟ ନିମନ୍ତେ ଶପଥ ପାଠ କରାଯାଇଥିଲା। ଶେଷରେ ଯାଦବ ମହାସଭା ସମ୍ପାଦକ ସଚିନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂଜା ପ୍ରତିଷ୍ଠାନର ଐତିହ୍ୟ ଓ ପରମ୍ପରା ଅନନ୍ୟ

- ହୀରକ ଜୟନ୍ତୀର ୭ମ ସନ୍ଧ୍ୟା କାର୍ଯ୍ୟକ୍ରମ
- ୭୫ବର୍ଷ ପାଳନ ପାଇଁ ଅତିଥି ଦେଲେ ଶୁଭେଚ୍ଛା
- ୨୦ ପୂଜା ପ୍ରତିଷ୍ଠାନର ସଭାପତି ଓ ସମ୍ପାଦକ ସମ୍ବର୍ଦ୍ଧିତ

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳର ଶ୍ରୀ ଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାରର ହୀରକ ଜୟନ୍ତୀର ୭ମ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଳିତବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ସଭାପତି ଜ୍ଞାନେନ୍ଦ୍ର ବେହେରା କହିଲେ, ଗଣେଶ ବଜାର ପୂଜା ପ୍ରତିଷ୍ଠାନର ଐତିହ୍ୟ ପରମ୍ପରା ଅନନ୍ୟ। ୭୫ବର୍ଷ ପାଳନ କରିଥିବାରୁ ସେ ଏହି ଅବସରରେ ପୂଜା ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ଯୋଗଦେଇ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜାର ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ପୂଜା ପ୍ରତିଷ୍ଠାନ ସଭାପତି ବସନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୨୦ଟି ପୂଜା ପ୍ରତିଷ୍ଠାନର ସଭାପତି ଓ ସମ୍ପାଦକଙ୍କୁ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଜଟଣୀର କଳାକାର ଓ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ।



ଗଣେଶ ବଜାର ହୀରକ ଜୟନ୍ତୀର ୭ମ ସନ୍ଧ୍ୟାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ମଣ୍ଡପରେ ପୂଜା ଦେଖିଲେ ବରିଷ୍ଠ ନାଗରିକ

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳ ହେଲପିଙ୍ଗ୍ ହ୍ୟାଣ୍ଡ ସୋସିଓ ସ୍ପେସିଫିକ୍ ଅନୁଷ୍ଠାନ ପକ୍ଷରୁ ରବିବାର ବୃଦ୍ଧାବୃଦ୍ଧ ତଥା ବରିଷ୍ଠ ନାଗରିକମାନଙ୍କୁ ଲକ୍ଷ୍ମୀପୂଜା ବୁଲାଇ ଦେଖାଯାଇଛି। ସମସ୍ତଙ୍କୁ ୩୮ଟି ପୂଜା ମଣ୍ଡପକୁ ନେଇ ମାଙ୍କ ଦର୍ଶନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟମାନେ ଏସ୍‌ପିଙ୍କ ଠାରୁ ଅନୁମତି ଆଣିବା ପରେ ୫ଟି ଗାଡିରେ ପ୍ରାୟ ୬୦ ଜଣଙ୍କୁ ପୂଜା ମଣ୍ଡପ ବୁଲାଇଥିଲେ। ଅନୁଷ୍ଠାନ ସଭାପତି ଚିନ୍ମୟୀ ଜେନା ଓ ସମ୍ପାଦକ ଅଜିତ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବରିଷ୍ଠ ନାଗରିକମାନେ ପୂଜା ମଣ୍ଡପ ପରିଦର୍ଶନ କରୁଛନ୍ତି।



-ଢେଙ୍କାନାଳ କାଳୀନାଗର ପୂଜା ପ୍ରତିଷ୍ଠାନ, ଦକ୍ଷିଣକାଳୀ।



ଢେଙ୍କାନାଳ ଖମାରସାହି ପୂଜା ପ୍ରତିଷ୍ଠାନର ମେଢ଼।

# ଗଛରେ ପିଟିହେଲା ଅଟୋ

## ମହିଳା ମୃତ, ୬ ଗୁରୁତର

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ମହୁଲପଡାଠାରେ ରବିବାର ଲକ୍ଷ୍ମୀପୂଜା ଦେଖିବାକୁ କେତେଜଣ ଯାତ୍ରୀଙ୍କୁ ନେଇ ଆସୁଥିବା ଏକ ଅଟୋ ରାସ୍ତାକଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ ମୃତ ଓ ଆହତ ଯାତ୍ରୀମାନଙ୍କ ଘର କୁରୁମଟାଙ୍ଗର ଗ୍ରାମରେ ବୋଲି ଜଣାପଡିଛି। ମୃତ ମହିଳା ଜଣକ ହେଲେ ପ୍ରତିମା ମହାନ୍ତି(୫୫)। ଆହତଙ୍କ ମଧ୍ୟରେ ସ୍ୱର୍ଣ୍ଣଲତା ମହାନ୍ତି(୭୦), ପ୍ରତିମାଙ୍କ ସ୍ୱାମୀ, ୨ଜଣ ଛୋଟପିଲା ଏବଂ ଅନ୍ୟ ଜଣେ ଅଛନ୍ତି। ମୃତ ଓ ଆହତମାନେ ସ୍ଥାନୀୟ ଖବରଦାତା ଦୁଷ୍ମନ୍ତ ମହାନ୍ତିଙ୍କ ସମ୍ପର୍କୀୟ ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଦୁର୍ଘଟଣା ପରେଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରତିମାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।



ଦୁର୍ଘଟଣାଗ୍ରସ୍ତ ଅଟୋ।

# ପାରମ୍ପରିକ ସହିତ ଆଧୁନିକତା କଳାର ବିକାଶ କରିପାରିବ

## ଷଷ୍ଠ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଅବସରରେ ସହରସ୍ଥିତ ମହିଷାପାଟ ପଲ୍ଲିଶ୍ରୀ ମେଳା ପରିସରରେ ରବିବାର ଷଷ୍ଠ ଲୋକକଳା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବରେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, କଳାର ସମୃଦ୍ଧି ନିମନ୍ତେ ଏହାର ମାର୍ଜନା ଓ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏଥିନିମନ୍ତେ କଳାକାରମାନଙ୍କୁ ନିୟମିତ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ। ପାରମ୍ପରିକ କଳା ସହିତ ଆଧୁନିକତାକୁ ଆପଣେଇ ପାରିଲେ କଳାର ପ୍ରକୃଷ୍ଟ ବିକାଶ ହୋଇପାରିବ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଉପସଭାପତି ବିଳାସିନୀ ସେଠୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଓ ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରମୁଖ ଯୋଗଦେଇ ଲୋକକଳା ମାଧ୍ୟମରେ ଭାଷା, ସଂସ୍କୃତି ଓ ସଭ୍ୟତା କିପରି ଅଧିକ ପରିପୁଷ୍ଟ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା କଳା ସଂସ୍କୃତି ସଂଘ ସଭାପତି ତଥା ଜିଲାପାଳ ମନୋରଞ୍ଜନ ମଲ୍ଲିକ ଉତ୍ସବରେ ଅଧକ୍ଷତା କରି ପାରମ୍ପରିକ କଳା ବଞ୍ଚିରହିବା ସହିତ ଯେପରି ଏହାଦ୍ୱାରା ଆଧାତ୍ମିକତା ମଧ୍ୟରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ସେ ନେଇ ଆଶାବ୍ୟକ୍ତ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସକାଳ ୯ଟାରେ ଜିଲା ସଂସ୍କୃତି କାର୍ଯ୍ୟାଳୟଠାରୁ ସମସ୍ତ ବ୍ଲକରୁ ଆସିଥିବା କଳାକାରଙ୍କ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ପଲ୍ଲିଶ୍ରୀ ମେଳା ପଡିଆଠାରେ ପହଞ୍ଚିଥିଲା। ସମସ୍ତ ବ୍ଲକରୁ ଆସିଥିବା ମଶାଲ ମଧ୍ୟ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ଉତ୍ସବରେ ସମସ୍ତ ବ୍ଲକ କଳା ସଂଘ ଉପସଭାପତି, ନିର୍ବାଚିତ ଲୋକ ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକର କଳା ସଂସ୍କୃତି ସଂଘ ପକ୍ଷରୁ ପାରମ୍ପରିକ ଲୋକକଳା ପରିବେଷଣ କରାଯାଇଥିଲା।



ଷଷ୍ଠ ଲୋକକଳା ମହୋତ୍ସବ ଉଦଘାଟନ ଅବସରରେ ଶୋଭାଯାତ୍ରା।

**ମହିଳାଙ୍କୁ ଅପହରଣ ସହ ମାଡ଼ ଅଭିଯୋଗ**

ବଇଣ୍ଡା,(ପରିକ୍ଷିତ ସାହୁ): ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅପହରଣ କରିବା ସହ ତାଙ୍କୁ ଚେରେଖଣ୍ଡି ଗ୍ରାମର ସଂଯୁକ୍ତା ନାୟକ ଓ ତାଙ୍କ ପୁଅ ସଂକେତ ନାୟକ ମାଡ଼ ମାରିଥିବା ଶନିବାର ଉକ୍ତ ମହିଳା ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୪୪/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସମ୍ପୃକ୍ତା ମହିଳାଙ୍କୁ କିଛି ମାସ ହେବ ସଂକେତ ଭଲ ପାଇ ଆସୁଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ତାଙ୍କ ଶାଶୁଙ୍କ ଘରୁ ଅପହରଣ କରି ନେଇଥିଲେ। ଏହାପରେ ତାଙ୍କୁ ସଂକେତ ଓ ତାଙ୍କ ମା' ସଂଯୁକ୍ତା ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ସମସ୍ତ ଏକ୍ସପ୍ରେସ ରହଣି ନ କଲେ ଆନ୍ଦୋଳନ

- ବଇଣ୍ଡା ରେଳ ଷ୍ଟେଶନ ପ୍ରତି ଅବହେଳା ଅଭିଯୋଗ
- ବିକାଶ ଦିଗରେ ଦିଆଯାଉନି ଦୃଷ୍ଟି
- ଷ୍ଟେଶନ ମାଷ୍ଟରଙ୍କୁ ଦିଆଗଲା ଦାବିପତ୍ର

ବଇଣ୍ଡା,୫।୧୧(ପରିକ୍ଷିତ ସାହୁ)

ଚଳଚଞ୍ଚଳ ରହିଛି ରେଳ ଷ୍ଟେଶନ। ଟ୍ରାକ୍‌ରେ ଦୌଡ଼ୁଛି ବନ୍ଦେ ଭାରତ ସହ ୨୩ ଟ୍ରେନ୍। ମାସିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ନେଉଛନ୍ତି କେନ୍ଦ୍ର ସରକାର। ହେଲେ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଯାତ୍ରୀଙ୍କୁ ମିଳୁନି ଉପଯୁକ୍ତ ରେଳ ସେବା। ଏପରି କି କରୋନା ପୂର୍ବରୁ ଯେଉଁ ଯାତ୍ରୀମାନେ ଏଠାରୁ ଅନ୍ୟ ରାଜ୍ୟକୁ ଟ୍ରେନ୍ ଧରୁଥିଲେ, ଏବେ ସେମାନଙ୍କୁ ଉକ୍ତ ଟ୍ରେନ୍‌ରେ ଯିବାକୁ ହେଲେ ୫୦ କିଲୋମିଟର ଦୂର ଅନୁଗୋଳ ଓ ନଚେତ ରେଢ଼ାଖୋଲ ଷ୍ଟେଶନକୁ ଯାଇ ଟ୍ରେନ୍‌ରେ ଚଢ଼ିବାକୁ ପଡୁଛି। ଦୀର୍ଘ ୩ ବର୍ଷ ହେଲା କେନ୍ଦ୍ର ସରକାର ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ରେଳ ଷ୍ଟେଶନ ବଇଣ୍ଡା ପ୍ରତି ଏପରି ଅବହେଳିତ ମନୋଭାବ ଦେଖାଉଥିବାରୁ ଏଠାରେ ଯାତ୍ରୀ ପରିବହନ ସେବା ଗୁରୁତର ପ୍ରଭାବିତ ହୋଇଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଷ୍ଟେଶନ ଦେଇ ଚଳାଚଳ କରୁଥିବା ୨୩ ଟ୍ରେନ୍‌ରୁ ୧୫ ଏକ୍ସପ୍ରେସ୍ ରହଣି କରୁ ନ ଥିବାରୁ ଏପରି ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଏ ନେଇ ରବିବାର ଗ୍ରାମବାସୀ ଷ୍ଟେଶନ ମାଷ୍ଟର ଉମେଶ ଚନ୍ଦ୍ର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବଇଣ୍ଡା ଗ୍ରାମର ବରିଷ୍ଠ ନାଗରିକ ଭଗବାନ ଘିୱାଲା, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ଗ୍ରାମ ସହ ସମ୍ପାଦକ ପରିକ୍ଷିତ ସାହୁ, ୱାର୍ଡ ମେମ୍ବର ହେମନ୍ତ ବେହେରା, ସୁଧୀର ବେହେରା, ମାନସ କୁମାର ସାହୁ ପ୍ରମୁଖ ଦର୍ଶାଇଛନ୍ତି, ଏହି ଷ୍ଟେଶନ ଦେଇ ବନ୍ଦେ ଭାରତ, ଭୁବନେଶ୍ୱର-ବଲାଙ୍ଗୀରି , ରାଉରକେଲା -ଭୁବନେଶ୍ୱର, ବିଶାଖାପାଟଣା-ଅମୃତସର , ପୁରୀ-ହାଟିଆ, ଦୁର୍ଗ-ପୁରୀ, ଭୁବନେଶ୍ୱର-ଲୋକମାନ୍ୟତିଳକ, ପୁରୀ- ଲୋକମାନ୍ୟତିଳକ, ଭୁବନେଶ୍ୱର- ଆନନ୍ଦବିହାର, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍, ବିକାନିର-ପୁରୀ, ପୁରୀ-ଯୋଧପୁର, ସମ୍ବଲପୁର-ପୁରୀ ଇଣ୍ଟରସିଟି, ପୁରୀ-ସୁରଟ ଏକ୍ସପ୍ରେସ, ପୁରୀ-ଅହମଦାବାଦ ଏକ୍ସପ୍ରେସ, ପୁରୀ-ଗାନ୍ଧୀଧାମ, ପୁରୀ -ଶିରିଡ଼ି ଏକ୍ସପ୍ରେସ, ରାଉଲକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ, ଭୁବନେଶ୍ୱର -ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ଆଦି ୨୩ଟି ଏକ୍ସପ୍ରେସ ଟ୍ରେନ ଯାଉଛି। ହେଲେ କରୋନା ପରଠାରୁ ଏଠାରେ ୧୫ଟି ଏକ୍ସପ୍ରେସ୍ ଆଉ ହଲ୍ଟ କରୁନାହିଁ। ବିଶେଷକରି ରାଜ୍ୟ ବାହାରକୁ ଯାଉଥିବା ଏହି ଟ୍ରେନଗୁଡିକ ରହୁ ନ ଥିବା ଯୋଗୁ କିଶୋରନଗର ଓ ଆଠମଲ୍ଲିକ ଏବଂ ଛେଣ୍ଡିପଦା ବ୍ଲକର ୫୦ଟି ପଞ୍ଚାୟତର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଅନ୍ୟ ରାଜ୍ୟରେ ଦାଦନ ଖଟୁଥିବା ଶ୍ରମିକମାନେ ଯାତାୟାତରେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ଉକ୍ତ ଟ୍ରେନ୍ ଧରିବାକୁ ୫୫ କି.ମି. ଦୂର ରେଢ଼ାଖୋଲ ନଚେତ ୪୫ କି.ମି. ଦୂର ଅନୁଗୋଳ ଷ୍ଟେଶନକୁ ଯାଇ ଟ୍ରେନ୍ ଚଢୁଛନ୍ତି। ସେହିପରି ଏହି ଷ୍ଟେଶନର ବିକାଶ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଷ୍ଟେଶନକୁ ଲମ୍ବିଥିବା ୧ କି.ମି. ରାସ୍ତାର ପୁନରୁଦ୍ଧାର କରାଯାଉ ନାହିଁ। ବଇଣ୍ଡାଠାରେ ସମସ୍ତ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ବଇଣ୍ଡା ଗ୍ରାମବାସୀ ଗତ ୧୨ ମେ ୨୦୨୨ ଓ ୫ ମାର୍ଚ୍ଚ ୨୦୨୩ ଏବଂ ଗତ ମେ ମାସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ, ଆଠମଲ୍ଲିକ ବିଧାୟକ, ସମ୍ବଲପୁର ଏମ୍‌ପି, ପୂର୍ବତଟ ରେଳପଥ ଜେନରାଲ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଏଯାଏ ସୁଫଳ ମିଳିନାହିଁ। ତୁରନ୍ତ ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ଦେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।


ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କଳମଛୁଇଁରେ ଜମୁଛି ଗଜଲକ୍ଷ୍ମୀ ପୂଜା

ତାଳଚେର,୫।୧୧ (ମନୋଜ ନନ୍ଦ)



ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଦେଉଳଛକ ଠାରୁ ବାଉଁଶଗାଡିଆ ସାହି ପର୍ଯ୍ୟନ୍ତ ୧୬ଟି ମଣ୍ଡପରେ ମା' ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଭାବରେ ସାଜସଜ୍ଜା କରାଯାଇଥିବା ବେଳେ ସେଥିରେ ଭକ୍ତ ପ୍ରହ୍ଲାଦ ଓ ନୃସିଂହ ମହାପ୍ରଭୁଙ୍କ ଆବିର୍ଭାବ, ବାହାନଗାରେ ହୋଇଥିବା ଟ୍ରେନ ଦୁର୍ଘଟଣାର ବୀଭତ୍ସ ଦୃଶ୍ୟ, ଚନ୍ଦ୍ରାୟନ, କାଳୀୟ ଦଳନ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ମଣ୍ଡପର ପାର୍ଶ୍ୱ ଦେଶରେ ସ୍ଥାପନ କରାଯାଇଥିବା ମୂର୍ତ୍ତିଗୁଡିକ ଦର୍ଶକମାନଙ୍କୁ ଆକର୍ଷିତ କରୁଛି। ଅତ୍ୟାଧୁନିକ ଏଲ୍‌ଇଡି ଲାଇଟଯୁକ୍ତ ସୁଉଚ୍ଚ ବିଦ୍ୟୁତ ତୋରଣ ସହ ଆଲୋକମାଳାରେ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଉଠିଛି। ସନ୍ଧ୍ୟା ବେଳେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ପୂଜାର୍ଚ୍ଚନା କରିବା ସହ ପୂଜାର ଭରପୂର ମଜା ନେଉଛନ୍ତି। ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ସମେତ ବିଭିନ୍ନ ରାଜନୈତିକ ନେତାମାନେ ପୂଜାମଣ୍ଡପ ଗୁଡିକ ପରିଦର୍ଶନ କରିଛନ୍ତି। ଚଳିତବର୍ଷ ଗ୍ରାମର ବିଭିନ୍ନ ସ୍ଥାନରେ ଦୋଳି, ମିନାବଜାର,ମ ନୋହରି ଦୋକାନ, ଫାଷ୍ଟଫୁଡ ଷ୍ଟଲ ପଡିଥିବାରୁ ସେଠାରେ ଅଧିକ ଭିଡ ଜମୁଛି। ବିଭିନ୍ନ ପୂଜାକମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ମାଗଣାରେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଆସନ୍ତା ୭ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ୬୬ ୟୁନିଟ୍ ରକ୍ତ ସଂଗ୍ରହ

ଛେଣ୍ଡିପଦା,୫।୧୧(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ କଳାକର ସାହୁଙ୍କ ସ୍ମୃତିରେ ବ୍ରାହ୍ମଣବିଲ ଗ୍ରାମର ମା' ମହାଲକ୍ଷ୍ମୀ ୟୁଥ କ୍ଲବ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରାସାଦ ବେହେରା, ସରପଞ୍ଚ ଲକ୍ଷ୍ମୀପ୍ରିୟା ଧଳ, ସମିତିସଭ୍ୟା ମିନତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଦସ୍ୟ ବିକାଶ ପ୍ରଧାନ, ପ୍ରଦୀପ ବେହେରା, କେଶବାନନ୍ଦ ସାହୁ, ଶୁଭ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଅନୁଗୋଳ ରକ୍ତ ଭଣ୍ଡାରର ଡାକ୍ତର ସତ୍ୟବ୍ରତ ପାଟଯୋଶୀ ଏବଂ ତାଙ୍କ ଟିମ ସଦସ୍ୟ ଜିତେନ ଦାସ, ମଞ୍ଜୁଲତା ଶତପଥୀ, ହରିଶ ଜେନା, ରମେଶ ପାତ୍ର, ଅଶୋକ ପ୍ରଧାନ, ପଦ୍ମନାଭ ପ୍ରଧାନ, ସିପୁନ ବେହେରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରକ୍ତ ସଂଗ୍ରହ କରିଥିଲେ।



# ମହାଚଣ୍ଡୀ ଯଜ୍ଞ ନିମନ୍ତେ ପ୍ରସ୍ତୁତି


ବୈଠକରେ ବିଧାୟକଙ୍କ ସମେତ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତାମାନେ।

ତାଳଚେର,୫।୧୧(ମନୋଜ ନନ୍ଦ)

ପବିତ୍ର କାର୍ତ୍ତିକ ପଞ୍ଚକ ପାଳନ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ପାଞ୍ଚ ଦିନ ବ୍ୟାପୀ ୩୮ତମ ମହାଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ମା'ଙ୍କ ପୀଠ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ଜଗନମୋହନ ଗଡନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିଲେ। ଆସନ୍ତା ୨୩ ତାରିଖରୁ ଏହି ଯଜ୍ଞ ଆରମ୍ଭ ହୋଇ ୨୭ ତାରିଖ ଦିନ ପୂର୍ଣ୍ଣାହୁତି ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ସନ୍ତୋଷ କୁମାର ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, ନୀଳିମା ପ୍ରଧାନ, ଲଛମନ ସାମଲ, ଗବେଷକ ବିଭୂତି ଭୂଷଣ ସାହୁ, ଡିଲେଶ୍ୱର ସାମଲ, ବିଭୂତି ସାମଲ, ପଠାଣି ବାରିହା, ଗଗନ ଗଡନାୟକ, ନରୋତ୍ତମ ବେହେରା, ସର୍ବେଶ୍ୱର ଧର, ପତିତପାବନ ସାହୁ, ବିନୟ କୁମାର ମହାନ୍ତି ଓ ସାମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ ଉପସ୍ଥିତ ଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଅରବିନ୍ଦଙ୍କ ଜୀବନୀ, ଦର୍ଶନ ସମ୍ପର୍କରେ ଆଲୋଚନା

ତାଳଚେର,୫।୧୧ (ମନୋଜ ନନ୍ଦ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୩୮ତମ ଇ-ଆଲୋଚନାଚକ୍ର 'ଶ୍ରୀ ଅରବିନ୍ଦଙ୍କ ଜୀବନ ଓ ଦର୍ଶନ' ଅନୁଷ୍ଠିତ ହୋଇଯାଇଛି। ଶାଖା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆସରରେ ଡ.ପ୍ରଶାନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବରେ ସୁସାହିତ୍ୟିକ ଡାକ୍ତର ମଦନ ମୋହନ ପ୍ରଧାନ ଯୋଗଦେଇ ମହାନ୍ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜୀବନୀ ଓ ଦର୍ଶନ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଶ୍ରୀ ଅରବିନ୍ଦ ହେଉଛନ୍ତି ଏକାଧାରରେ ଜଣେ ଯୋଗୀ, ଗୁରୁ, କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ, ଦାର୍ଶନିକ ତଥା କବି। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନ, ଧର୍ମ, ସାହିତ୍ୟ ଓ ମନୋବିଜ୍ଞାନର ସମନ୍ୱୟ ଥିଲେ ଯୋଗୀ ଶ୍ରୀ ଅରବିନ୍ଦ ବୋଲି ମୁଖ୍ୟବକ୍ତା ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସନ୍ତୋଷ କୁମାର ମହାପାତ୍ର ଓଁକାର ବନ୍ଦନା କରିଥିବା ବେଳେ ବିଭୂତି ଭୂଷଣ ସ୍ୱାଇଁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିଲେ। କବୟିତ୍ରୀ ଅନୀତା ପାଣି ସଂଯୋଜନା କରିଥଲେ। ସଞ୍ଜିତା ତ୍ରିପାଠୀ ଶାନ୍ତିପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନୁଗୋଳ ଶାଖା ଉପସଭାପତି ପ୍ରତାପ କୁମାର ତ୍ରିପାଠୀ, ଡ.ବିଶ୍ୱଜିତ ଖମାରୀ, କାନନବାଳା ମିଶ୍ର, ଦୀପକ ପ୍ରଧାନ, ଉଷାରାଣୀ ମିଶ୍ର, ସଂକର୍ଷଣ ଶତପଥୀ, ଶୁଭ୍ରା ମହାପାତ୍ର, ଦେବେନ୍ଦ୍ର ବିଜୟ ସାହୁ, ଗୋଲାପ ନନ୍ଦ, ସୋମନାଥ ମିଶ୍ର, ରବୀନ୍ଦ୍ର କୁମାର ମହାପାତ୍ର, ବିବେକାନନ୍ଦ ଠାକୁର, ଡ.ରାମଚନ୍ଦ୍ର ପଲେଇ, ହରେକୃଷ୍ଣ ଗିରି, ରବୀନ୍ଦ୍ରନାଥ ସାହୁ, ମିନତୀ ସାମଲଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।

# ପୂଜା ମଣ୍ଡପ ବୁଲିଲେ, ସମସ୍ୟା ବୁଝିଲେ

ବଇଣ୍ଡା,୫।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକର ବିଭିନ୍ନ ପୂଜା ମଣ୍ଡପ ବୁଲିଛନ୍ତି ଆଠମଲ୍ଲିକର ସାମାଜିକ କର୍ମୀ ଅର୍ଜୁନ ସାହୁ। ବଇଣ୍ଡା, ଆନନ୍ଦମୁଣ୍ଡା, ଇଚ୍ଛାପୁର, ହଣ୍ଡପା, ନାକିଚି, ଉରୁକୁଳା, ସରିଗୀପାଲି, ଖଣ୍ଡହତା, ସଞ୍ଚାମୁରା, ଧଡରପାଳ, ଠାକୁରଗଡ଼, ପାଇକସାହି, କିଆକଟା, ଧଡରାପାଲି ଆଦି ଅନେକ ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି । ଏପରିକି ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ପ୍ରତ୍ୟେକ ଗ୍ରାମର ବିକାଶ ଯୁବପିଢିଙ୍କ ଦାୟିତ୍ୱ ବୋଲି କହିଥିଲେ। ଏହି ପରିଦର୍ଶନ ବେଳେ ପ୍ରକାଶ ସେଠୀ, କୃଷ୍ଣଚନ୍ଦ୍ର ବେହେରା, ଯୋଗେନ୍ଦ୍ର ନାୟକ, ରସାନନ୍ଦ ମାହାର, ଦେବେନ୍ଦ୍ର କର୍ମୀ, ସୁବ୍ରତ ବାରିକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।


ପୂଜାମଣ୍ଡପ ପରିଦର୍ଶନ ଅବସରରେ ସାମାଜିକ କର୍ମୀ ଅର୍ଜୁନ ସାହୁଙ୍କ ସମେତ ଅନ୍ୟମାନେ।

# ରୟାଲ୍ ଡାଇନାମୋସ୍ ଚାମ୍ପିୟନ

**ଜେଏସ୍‌ପି ଭଲିବଲ୍ ଟୁର୍ନାମେଣ୍ଟ**

ଅନୁଗୋଳ,୫।୧୧(ଅମିତ ସାମଲ)

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ଜିନ୍ଦଲ ଅଫିସର୍ସ କ୍ଲବ (ଜେଓସି) ପକ୍ଷରୁ ଚାଲିଥିବା ଆନ୍ତଃ ବିଭାଗୀୟ ବାର୍ଷିକ ଭଲିବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରୟାଲ୍ ଡାଇନାମୋସ୍ ଦଳ ଅନୁଗୋଳ ପ୍ରକଳ୍ପର ବିଭିନ୍ନ ବିଭାଗ ଯଥା, ଏଚ୍‌ଆର, ସଚିବାଳୟ, ଏଫ୍ ଆଣ୍ଡ ଏ, ଅଡିଟ୍, କଣ୍ଟ୍ରାକ୍ଟ ସେଲ୍, କ୍ରୟ, ଲଜିଷ୍ଟିକ୍ସ ଏବଂ ସେଣ୍ଟ୍ରାଲ୍ ୟୁଟିଲିଟି ବିଭାଗର ଖେଳାଳିଙ୍କୁ ନେଇ ପ୍ରତିଯୋଗିତା କରାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ରୟାଲ୍ ଡାଇନାମୋସ୍ ଦଳ ୩-୦ ସେଟ୍‌ରେ ଟିମ୍ ପାନ୍ଥର୍ ବ୍ଲାଷ୍ଟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଜେଏସପି ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା ଏବଂ ସାଧାରଣ କ୍ରୀଡ଼ା ସଚିବ ଜେଓସି ଆଶିଷ କୁମାର ସିଂ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ରୟାଲ୍ ଡାଇନାମୋସର ସଞ୍ଜୟ କୁମାର କର ପ୍ଲେୟାର ଅଫ୍ ଟୁର୍ନାମେଣ୍ଟ ଟାଇଟଲ୍ ଅର୍ଜନ କରିଥିବାବେଳେ ପାନ୍ଥର୍ ବ୍ଲାଷ୍ଟର ଆକାଶ କୁମାର ଶ୍ରେଷ୍ଠ ସ୍ମାଶର୍ ପୁରସ୍କାର ପାଇଛନ୍ତି। ଏହା ସହିତ, ରୟାଲ ଡାଇନାମୋସ ଦଳର ଅନିଲ ଗିଲଙ୍କୁ ପ୍ଲେୟାର ଅଫ୍ ଫାଇନାଲ ମ୍ୟାଚ୍ ଭାବେ ମଧ୍ୟ ପୁରସ୍କୃତ କରାଯାଇଥିଲା।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ସତର୍କତା ସଚେତନତା ସପ୍ତାହ ପାଳିତ

କାମାକ୍ଷାନଗର,୫।୧୧(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାନପୁରାସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସ୍ୱତନ୍ତ୍ର ସିବିଆଇ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭିକାରୀଚରଣ ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ବନସଂରକ୍ଷକ ଉପେନ୍ଦ୍ର କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ମିଶ୍ର, ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ବିଜୟ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ବୈକୁଣ୍ଠ ବିହାରୀ ସାହୁ ଯୋଗ ଦେଇଥିଲେ। ସମାଜରେ ଘଟୁଥିବା ବିଭିନ୍ନ ପ୍ରକାର ଦୁର୍ନୀତି, ଏଥିପାଇଁ ଉଦ୍ଦିଷ୍ଟ ଆଇନ କାନୁନ, ସମ୍ବିଧାନର ମୌଳିକ ଅଧିକାର, କର୍ତ୍ତବ୍ୟ ଆଦି ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡା, ବାନାର୍ଜୀ ମହାନ୍ତି, ଶିକ୍ଷୟିତ୍ରୀ କବିତା ରାଉତ, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ।




# ବିଦାୟ ନେଲେ ମା' ଲକ୍ଷ୍ମୀ

କଣିହାଁ,୫।୧୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମର ବାଲିପଶି, ମା' ମଙ୍ଗଳା, ଡିଏସ୍‌ପି, ମନ୍ଦିର ଛକ, ଗାନ୍ଧୀ ଛକ, ସଡ଼କ ସାହି, ନୂଆସାହି, ପାହାଡ଼ି ରାମେଶ୍ୱର ଆଦି ସ୍ଥାନରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମେଢ଼ ଗୁଡିକ ଶୋଭାଯାତ୍ରାରେ ବାହାରି ପ୍ରକଳ୍ପସ୍ଥିତ ହାଇସ୍କୁଲ ଖେଳ ପଡିଆଠାରେ ପହଞ୍ଚି ଥିଲା। ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୁବ ଶିଳ୍ପ ଉଦ୍ୟୋଗୀ ଭରତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଓଏଚପିସିର ସିନିୟର ଜିଏମ ରଞ୍ଜନ କୁମାର ପରିଡା, ସମିତି ସଭ୍ୟ ଦେବାଶିଷ ମହାନ୍ତି, ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡି, ପ୍ରୋଜେକ୍ଟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକ, ଗ୍ରାମ କମିଟି ସଭାପତି ଡ. ନିରଞ୍ଜନ ସାମଲ, ସମ୍ପାଦକ କବିରାଜ ସାମଲ, ମନୋଜ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ମା'ଙ୍କ ଆଜ୍ଞା ଲଡୁ ନିଲାମ ଡକାଯାଇଥିଲା। ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ଉପାଧ୍ୟକ୍ଷ ଭରତ କୁମାର ସାହୁ ୮୫, ୫୦୧ ଟଙ୍କାରେ ଆଜ୍ଞା ଲଡୁ ନିଲାମ ନେଇଥିଲେ। ସାମାଜିକ କର୍ମୀ ଧ୍ରୁବଚରଣ ଧୀର ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଢ଼ଗୁଡିକ ଧାଡିରେ ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳ ପରିକ୍ରମା କରି ଦେନାଳି ଘାଟରେ ବିସର୍ଜିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ରେଙ୍ଗାଳି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।


ଆଜ୍ଞା ଲଡୁ ନିଲାମ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଫାଇନାଲରେ ସମ୍ବଲପୁର ଓ ସୁନ୍ଦରଗଡ଼ ଦଳ

ପାଲଲହଡା,୫।୧୧(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଷ୍ଟାଡିୟମ ଠାରେ ଚାଲିଥିବା ୩୫ ତମ ରାଜ୍ୟସ୍ତରୀୟ ପାଲଲହଡା ଫୁଟବଲ କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ବାରିପଦା ଓ କିଷାନ ବ୍ରଦର ସୁନ୍ଦରଗଡ଼ ମଧ୍ୟରେ ଖେଳା ଯାଇଥିଲା। ତେବେ କିଷାନ ବ୍ରଦର ସୁନ୍ଦରଗଡ଼ ଦଳ ୩-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲ ବାରିପଦାକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ସୋମବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କିଷାନ ବ୍ରଦର୍ ସୁନ୍ଦରଗଡ଼ ଏବଂ ସମ୍ବଲପୁର ଫୁଟବଲ କ୍ଲବ ମଧ୍ୟରେ ଖେଳାଯିବ। ଜାତୀୟ ରେଫରୀ ଶିବ ଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ଦିଲ୍ଲୀପ ରାଉତ, ପ୍ରଶାନ୍ତ ପାଲ, ସଲିଲ ବେହେରା ଏବଂ ସୁବ୍ରତ ପୁରୋହିତ ସହଯୋଗ କରିଥିଲେ।

# ପାଗ ଅନୁକୂଳ, ଭିଡ଼ ଅସମ୍ଭାଳ

ଅନୁଗୋଳ, ୫।୧୧ (ଅମିତ କୁମାର ସାମଲ)

ପାଗ ବେଶ୍ ଅନୁକୂଳ ଥିଲା। କେତେବେଳେ ଖରା ତ ପୁଣି କେବେ ମେଘୁଆ ହୋଇଯାଉଥିଲା। ଏପରି ପାଗରେ ଅନୁଗୋଳ ଲକ୍ଷ୍ମୀ ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ବଢ଼ିବାରେ ଲାଗିଥିଲା। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଗହଳି ଧୀରେ ଧୀରେ ବଢୁଥିବା ବେଳେ ଅପରାହ୍ନରୁ ଏହା ହଠାତ ଅତ୍ୟଧିକ ହୋଇଯାଇଥିଲା। ସନ୍ଧ୍ୟାରେ ତ ସହର ମଧ୍ୟରେ ପ୍ରବେଶ କରିବା କଷ୍ଟକର ହୋଇପଡ଼ିଥିଲା। ଭିଡ଼ ଏପରି ଅସମ୍ଭାଳ ଥିଲା ଯେ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା।

ପ୍ରକାଶ ଯେ, ଅନୁଗୋଳରେ ହୋଇଥିବା ଲକ୍ଷ୍ମୀ ପୂଜା ଶେଷ ହୋଇ ଆସୁଛି। ଆସନ୍ତା ୮ ତାରିଖରେ ମେଲାଣି ନେବେ ମା'। ତେଣୁ ପୂଜା ବୁଲିବାକୁ ସହରବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି। ସେହିପରି ଜିଲା ବାହାରୁ ମଧ୍ୟ ଲୋକେ ଏହି ପୂଜା ମହୋତ୍ସବରେ ସାମିଲ ହେବାକୁ ଆସୁଥିବାରୁ ସହରରେ ଭିଡ଼ ବଢ଼ିବାରେ ଲାଗିଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପିଠା ଓ ଖିରୀ ଭୋଗ ବଣ୍ଟନ କରାଯାଇଥିଲା। କେତେକ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଆଉ କେତୋଟି ଅନୁଷ୍ଠାନ ଓଲିଉଡ଼ର କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତେଣୁ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ସହର ଶ୍ରଦ୍ଧାଳୁମୟ ହୋଇଯାଇଥିବା ବେଳେ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ସଫଳ ହୋଇପାରି ନ ଥିଲା।


ଅନୁଗୋଳ ଲକ୍ଷ୍ମୀ ପୂଜାରେ ବଢୁଛି ଶ୍ରଦ୍ଧାଳୁଙ୍କ ସମାଗମ

